# NATIONAL NEWS BULLETIN (ODIA)
## 11 May - 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ସୋମନାଥ ଅମୃତ ପର୍ବ-୨୦୨୬ରେ ଆଜି ଯୋଗଦେଇ କୁମ୍ଭାଭିଷେକ ନୀତିରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ
- ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ସହିତ ଅନାବଶ୍ୟକ ସୁନା କ୍ରୟ ଏବଂ ବିଦେଶ ଯାତ୍ରାରୁ ବିରତ ରହିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
- ଆସାମରେ ସରକାର ଗଠନ ଲାଗି ଏନ୍.ଡି.ଏ ବିଧାୟକ ଦଳ ନେତା ହିମନ୍ତ ବିଶ୍ୱଶର୍ମାଙ୍କୁ ଆମନ୍ତ୍ରଣ କଲେ ରାଜ୍ୟପାଳ
- ଆମେରିକା ଅଗ୍ରାହ୍ୟ କଲା ଇରାନ୍‌ର ସଦ୍ୟତମ ଶାନ୍ତି ପ୍ରସ୍ତାବ

ଏବଂ

- ଆଇପିଏଲ୍ କ୍ରିକେଟରେ ଗତକାଲିର ଦୁଇଟି ମ୍ୟାଚ୍‌ରେ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପରକିଙ୍ଗ୍‌ସ ବିଜୟୀ

# ପିଏମ୍-ସୋମନାଥ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସୋମନାଥ ଅମୃତ ପର୍ବ-୨୦୨୬ରେ ଅଂଶଗ୍ରହଣ କରିବେ। ଭାରତର ପ୍ରଥମ ଜ୍ୟୋର୍ତିଲିଙ୍ଗ ସୋମନାଥ ମହାଦେବ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପାଳନ ଅବସରରେ ସୋମନାଥ ଅମୃତ ପର୍ବ ୨୦୨୬ ପାଳନ କରାଯାଉଛି। ଶ୍ରୀ ମୋଦୀ ପ୍ରଭୁ ସୋମନାଥଙ୍କ ଦର୍ଶନ କରିବା ସହ ସେଠାରେ ପ୍ରାର୍ଥନା ଏବଂ କୁମ୍ଭାଭିଷେକ ରୀତି ସମ୍ପନ୍ନ କରିବେ। ଏହାପରେ ଏକ ଜନସମାବେଶକୁ ସମ୍ବୋଧନ ଏବଂ ଏକ ରୋଡ୍ ଶୋ'ରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଉପସ୍ଥିତ ରହିବେ। ଶ୍ରୀ ମୋଦୀ ଜାମ୍‌ନଗରରୁ ବିମାନ ଯୋଗେ ସୋମନାଥରେ ପହଁଞ୍ଚିବେ। ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ପ୍ରଧାନମନ୍ତ୍ରୀ ବୀର ହମିରାଜ ଗୋହିଲ ସର୍କଲ ପର୍ଯ୍ୟନ୍ତ ଏକ ରୋଡ୍ ଶୋ'ରେ ଯୋଗଦେବେ। ଶ୍ରୀ ମୋଦୀ ସୋମନାଥ ମନ୍ଦିର ପୁନଃନିର୍ମାଣର ପରିକଳ୍ପନା କରିଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ମନ୍ଦିରରେ ସ୍ୱତନ୍ତ୍ର ପ୍ରାର୍ଥନା ଏବଂ କୁମ୍ଭାଭିଷେକ ସମାରୋହ ଓ ମନ୍ଦିର

ଶିଖରରେ ଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବେ। ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ୍ ଦଳ ପକ୍ଷରୁ ଏକ ଏୟାର ଶୋ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଜନସମାବେଶକୁ ସମ୍ବୋଧନ କରିବା ଅବସରରେ ଶ୍ରୀ ମୋଦୀ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକଟିକଟ ଏବଂ ୭୫ ଟଙ୍କା ବିଶିଷ୍ଟ ଏକ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରାକୁ ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମଥର ପାଇଁ ସୋମନାଥ ମନ୍ଦିରରେ ୧୧ଟି ତୀର୍ଥସ୍ଥଳୀରୁ ସଂଗୃହୀତ ହୋଇ ଆସିଥିବା ପବିତ୍ର ଜଳରେ କୁମ୍ଭାଭିଷେକ କରାଯିବ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଭଦୋଦରା ଯାତ୍ରା କରିବେ। ସେଠାରେ ସର୍ଦ୍ଦାର ଧାମ ଛାତ୍ରାବାସର ଉଦ୍‌ଘାଟନ କରିବା ସହ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି।

## ପ୍ରଧାନମନ୍ତ୍ରୀ - ଆର୍ଥିକ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆର୍ଥିକ ଆହ୍ୱାନ, ଯୋଗାଣ ଶୃଙ୍ଖଳ ସମସ୍ୟା ଏବଂ ଆନ୍ତର୍ଜାତିକ ସଂଘର୍ଷ ଯୋଗୁଁ ଉପୁଜୁଥିବା ସ୍ଥିତିର ମୁକାବିଲା ପାଇଁ ସାମୂହିକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ହାଇଦ୍ରାବାଦଠାରେ ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଶ୍ରୀ ମୋଦି'

ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ସହ ସାର୍ବଜନୀନ ପରିବହନ, କାର ପୁଲିଂ ଏବଂ ବୈଦ୍ୟୁତିକ ଯାନ ବ୍ୟବହାର ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଦେଶୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇ ବିଦେଶୀ ମୁଦ୍ରା ସଂରକ୍ଷଣରେ ସହଯୋଗ କରିବା, ସ୍ଥାନୀୟ ଉତ୍ପାଦ ବ୍ୟବହାର, ଅନାବଶ୍ୟକ ସୁନା କ୍ରୟ ଓ ବିଦେଶ ଯାତ୍ରାରୁ ବିରତ ରହିବା ପାଇଁ ମଧ୍ୟ ଶ୍ରୀ ମୋଦି ଅନୁରୋଧ କରିଛନ୍ତି।

Voice (PM) :.......

## ଆସାମ-ହିମନ୍ତ ଗଭ୍

ଆସାମରେ ନବନିର୍ବାଚିତ ବିଜେପି ତଥା ଏନ୍.ଡି.ଏ. ବିଧାୟକ ଦଳ ନେତା ହିମନ୍ତ ବିଶ୍ୱଶର୍ମାଙ୍କୁ ସରକାର ଗଠନ ଲାଗି ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଆମନ୍ତ୍ରଣ କରିଛନ୍ତି। ଆସାମରେ କ୍ରମାଗତ ତୃତୀୟ ଥର ପାଇଁ ଏନ୍.ଡି.ଏ ସରକାର ଗଠନ କରିବାକୁ ଯାଉଛି। ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକ ଦଳର ନେତାଭାବେ ମନୋନୀତ ହେବା ପରେ ଶ୍ରୀ ବିଶ୍ୱଶର୍ମା ଲୋକଭବନରେ ରାଜ୍ୟପାଳଙ୍କୁ ଭେଟି ଆନୁଷ୍ଠାନିକ ଭାବେ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ଖାନପଡ଼ାର ପଶୁ ଚିକିତ୍ସା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆସନ୍ତାକାଲି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଶ୍ରୀ ବିଶ୍ୱଶର୍ମା

ଏବଂ ନୂତନ ମନ୍ତ୍ରି ପରିଷଦର କେତେକ ସଦସ୍ୟଙ୍କୁ ରାଜ୍ୟପାଳ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ନୀତିନ ନବୀନଙ୍କ ସମେତ ବିଜେପି ତଥା ଏନ୍.ଡି.ଏ ଶାସନାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ୨୦୨୧ ମସିହାରେ ପ୍ରଥମଥର ପାଇଁ ଅଣକଂଗ୍ରେସ ନେତାଭାବେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଶ୍ରୀ ବିଶ୍ୱଶର୍ମା କ୍ରମାଗତ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ବିଜେପି, ଆସାମଗଣ ପରିଷଦ ଏବଂ ବୋଡ଼ୋ ଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟକୁ ନେଇ ଗଠିତ ଏନ୍.ଡି.ଏ. ନିର୍ବାଚନରେ ମୋଟ ୧୨୬ଟି ଆସନ ମଧ୍ୟରୁ ୧୦୨ଟି ବିଜୟ ହାସଲ କରିଛି। ବିଜେପି ୮୨ଟି ଆସନ ଅକ୍ତିଆର କରିଥିବା ବେଳେ ଆସାମଗଣ ପରିଷଦ ଓ ବୋଡ଼ୋ ଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ ୧୦ଟି ଲେଖାଏଁ ଆସନରେ ବିଜୟ ଲାଭ କରିଛି।

ବିଧାୟକ ଦଳ ନେତା ନିର୍ବାଚନ ନେଇ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ସହ-ପର୍ଯ୍ୟବେକ୍ଷକ ଭାବେ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି ବୈଠକରେ ଯୋଗ ଦେଇଥିଲେ। ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ନୀତି

ପ୍ରତି ଜନସାଧାରଣଙ୍କ ସମର୍ଥନକୁ ନିର୍ବାଚନ ଫଳାଫଳ ପ୍ରତିପାଦନ କରୁଛି।

## ଇରାନ୍-ୟୁଏସ୍ କନଫ୍ଲିଟ୍

ଇରାନ୍ ପକ୍ଷରୁ ପ୍ରଦତ୍ତ ସଦ୍ୟତମ ଶାନ୍ତି ପ୍ରସ୍ତାବକୁ ଆମେରିକା ଅଗ୍ରାହ୍ୟ କରିଛି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଇରାନ୍ କହିଥିଲା, ପଶ୍ଚିମ ଏସିଆରେ ସଂଘର୍ଷର ପରିସମାପ୍ତି ଲକ୍ଷ୍ୟ ନେଇ ଯୁକ୍ତରାଷ୍ଟ୍ର ଆମେରିକାକୁ ପାକିସ୍ତାନ ମାଧ୍ୟମରେ ପ୍ରସ୍ତାବ ପଠାଯାଇଛି। ଇତିମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ' ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପଙ୍କ ସହ ଇରାନ୍‌ର ପ୍ରସ୍ତାବ ଉପରେ ମତବିନିମୟ କରିଥିବା ଜଣାପଡ଼ିଛି। ଶ୍ରୀ ନେତାନ୍ୟାହୁ କହିଛନ୍ତି, ତେହେରାନ୍‌ର ଅତ୍ୟଧିକ ସମୃଦ୍ଧ ୟୁରାନିୟମ ଭଣ୍ଡାରକୁ ଅପସାରଣ କରିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ସହମତ ହୋଇଛନ୍ତି।

## ଇଣ୍ଡିଆ ରିନ୍ୟୁବଲ୍ ଏନର୍ଜି

ନବୀକରଣୀୟ ଶକ୍ତି ସ୍ଥାପନ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ପହଁଞ୍ଚିଛି। ମୋର୍ଗାନ ଷ୍ଟାନ୍‌ଲେ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ସୂଚନା ପ୍ରଦାନ କରାଯାଇଛି। ଭାରତର ନବୀକରଣୀୟ ଶକ୍ତି ପରିବର୍ତ୍ତନ ବାହ୍ୟ ନିର୍ଭରଶୀଳତା ହ୍ରାସ କରିବାରେ ସହଯୋଗ ପ୍ରଦାନ କରିବ।

ତେବେ ସୌରସେଲ୍, ଓ୍ୱେଫସ ଏବଂ ପଲିସିଲିକନ୍ ଭଳି ସୌରଶକ୍ତି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକ ସ୍ଥାନୀୟକରଣ ଉପରେ ସ୍ଥାୟୀ ନିରନ୍ତରତା ନିର୍ଭର କରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଦେଶରେ ଘରୋଇ କ୍ଷେତ୍ରରେ ସୌର ମଡ୍ୟୁଲ କ୍ଷମତା ପାଖାପାଖି ଦୁଇଗୁଣ ହୋଇଛି। ଗତ ୨୦୨୪ ମାର୍ଚ୍ଚ ମାସରେ ଏହା ୩୮ ଗିଗାଓ୍ୱାଟ୍ ରହିଥିବା ବେଳେ ଗତ ମାର୍ଚ୍ଚ ମାସରେ ଏହା ୭୪ ଗିଗାଓ୍ୱାଟ୍‌କୁ ବୃଦ୍ଧି ପାଇଛି। ସୌରସେଲ୍ କ୍ଷମତା ମଧ୍ୟ ୨ ଗିଗାଓ୍ୱାଟ୍‌ରୁ ୨୫ ଗିଗାଓ୍ୱାଟ୍‌ରେ ପହଁଞ୍ଚିଛି। ରିପୋର୍ଟ କହିଛି, ଭାରତ ଏବେ ମଧ୍ୟ ପ୍ରମୁଖ ଅପ୍‌ଷ୍ଟ୍ରିମ୍ ଉତ୍ପାଦନ ପାଇଁ ଆମଦାନୀ ଉପରେ ନିର୍ଭର କରୁଛି। ଗତ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୧ ଦଶମିକ ୬ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ପ୍ରାୟ ୩୫ ନିୟୁତ ସୌର ମଡ୍ୟୁଲ ଆମଦାନୀ କରିଥିଲା। ସେଥିମଧ୍ୟରୁ ପାଖାପାଖି ୬୦ରୁ ୮୦ ପ୍ରତିଶତ ଚୀନ୍‌ରୁ ଆମଦାନୀ ହୋଇଥିବା କୁହାଯାଇଛି। ସାମଗ୍ରୀକ ଭାବରେ ଭାରତରେ ଅଣଜୀବାଶ୍ମ ଇନ୍ଧନ କ୍ଷମତା ଏବେ ସ୍ଥାପନ କରାଯାଇଥିବା ନବୀକରଣୀୟ ଶକ୍ତି କ୍ଷମତାର ୫୦ ପ୍ରତିଶତ ଅତିକ୍ରମ କରି ୨୬୨ ଦଶମିକ ୭ ଗିଗାଓ୍ୱାଟ୍‌ରେ ପହଁଞ୍ଚିଛି। ନବୀକରଣୀୟ ଶକ୍ତି ମଧ୍ୟରେ ଅଧିକାଂଶ ସୌର ଓ ପବନ ଶକ୍ତି ଅନ୍ତର୍ଭୁକ୍ତ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଗ୍ନିସୁରକ୍ଷା ନିରାପତ୍ତା ସଚେତନତା : ବିପଦ ହ୍ରାସ ଓ ବିପର୍ଯ୍ୟୟ ପ୍ରଶମନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଅଗ୍ନି ପରାମର୍ଶଦାତା, ପ୍ରଶାନ୍ତ ଲୋଙ୍କର ଏବଂ ଦିଲ୍ଲୀ ଅଗ୍ନିସେବା ନିର୍ଦ୍ଦେଶକ ଅତୁଲ ଗର୍ଗ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ପଡ଼ିବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଏମ୍ପି-ଚିତାହା

କୁନୋ ଜାତୀୟ ଉଦ୍ୟାନରେ ଆଜି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଦୁଇଟି ଚିତାବାଘ ଛାଡ଼ିବେ। ୨୦୨୨ ମସିହା ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁନୋ ଜାତୀୟ ଉଦ୍ୟାନରେ ନାମିବିଆରେ ଅଣାଯାଇଥିବା ୮ଟି ଚିତାବାଘକୁ ରଖିବା ସହ

ପ୍ରୋଜେକ୍ଟ ଚିତା ପଦକ୍ଷେପ ଆରମ୍ଭ କରିଥିଲେ। ନାମିବିଆରୁ ଚିତାବାଘ ଆସିବା ବିଶ୍ୱର ପ୍ରଥମ ଅନ୍ତଃମହାଦେଶୀୟ ଚିତା ସ୍ଥାନାନ୍ତର ପଦକ୍ଷେପ ରହିଥିଲା। ୨୦୨୩ ମସିହାରେ ଦକ୍ଷିଣ ଆଫ୍ରିକାରୁ ୧୨ଟି ଏବଂ ଗତ ଫେବୃଆରୀ ମାସରେ ବୋତ୍ସ୍ୱାନାରୁ ଆସିଥିବା ୯ଟି ଚିତାବାଘକୁ ମଧ୍ୟ ସେଠାରେ ଛଡ଼ା ଯାଇଛି।  କୁନୋ ଜାତୀୟ ଉଦ୍ୟାନରେ ମୋଟ୍ ଚିତାବାଘ ସଂଖ୍ୟା ୫୭କୁ ବୃଦ୍ଧି ପାଇଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଗତକାଲିର ମ୍ୟାଚ୍‌ରେ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି। ରାୟପୁରଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨ ଓ୍ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୬୬ ରନ୍ ସଂଗ୍ରହ କରିଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ୧୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୮ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା। ଭୁବନେଶ୍ୱର କୁମାରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସ ୫ ଓ୍ୱିକେଟ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସକୁ ପରାସ୍ତ କରିଥିଲା ।

ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।